ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩


**ସପ୍ତାହ ସଂଖ୍ୟା -୧୪**


Deepanjali Dugal,
Jr. Agrometeorologist


ତାରିଖ : ୦୨.୦୪.୨୦୨୪
(ମଙ୍ଗଳବାର)

# ଅନୁଗୁଳ ଜିଲ୍ଲା

**ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୭.୦୩.୨୦୨୪ ରୁ ୦୨.୦୪.୨୦୨୪)**

| | |
|---|---|
| ବୃଷ୍ଟିପାତ (ମି.ମି.) | ୨.୪ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୭.୦-୪୦.୦ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୦.୦-୨୩.୦ |

**ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୭ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା**

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାଦ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 03-04-2024 | 0 | 40 | 22 | 0 | 25 | 9 | 9 | 289 |
| 04-04-2024 | 0 | 41 | 23 | 0 | 61 | 8 | 7 | 108 |
| 05-04-2024 | 0 | 41 | 23 | 2 | 44 | 12 | 9 | 225 |
| 06-04-2024 | 0 | 42 | 23 | 2 | 32 | 9 | 8 | 279 |
| 07-04-2024 | 0 | 42 | 24 | 3 | 23 | 8 | 9 | 290 |

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଅନୁଗୁଳ ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ରହିବାର ସମ୍ଭାବନା ଅଛି। ଆକାଶ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୭-୦୯ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୨୩ ରୁ ୬୧ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୦୮ ରୁ ୧୨ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ଦିନବେଳା ତାପମାତ୍ରା ଅଧିକ ରହୁଥିବାରୁ ଫସଲକୁ ସୁରକ୍ଷା କରିବା ପାଇଁ ଆଖୁ, ଖରାଟିଆ ମକା ଓ ପନିପରିବାରେ ନିୟମିତ ଜଳସେଚନ କରନ୍ତୁ ।
- ପନିପରିବା ରେ ଜଳ ସଂରକ୍ଷଣ କରିବା ପାଇଁ ନଡା, ଶୁଖିଲା ପତ୍ର ବା କରତ ଗୁଣ୍ଡ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।
- ଅସ୍ଥାଇ ଛପର ଦ୍ୱାରା ପନିପରିବା ଚାରାକୁ ଉଚ୍ଚ ତାପମାତ୍ରାରୁ ରକ୍ଷା କରନ୍ତୁ ।

**ଧାନ(ଡାଲୁଅ):**

ବର୍ତମାନର ପାଗରେ ଧାନ ଫସଲରେ ମହିଷା ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରଥମେ ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ। ଜୈବିକ ଉପାୟରେ ନିୟନ୍ତ୍ରଣ ପାଇଁ ଲିଟର ପାଣିରେ ୪ ଗ୍ରାମ Trichoderma viridae ମିଶାଇ ପତ୍ର ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହାର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ୱା ୨୦୦ ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ୱା ୮୦ ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଆଖୁ:**

ଆଖୁ ବିହନ ଲଗାଇ ସାରିବା ପରେ ୨୦-୨୫ ଦିନ ପର୍ଯ୍ୟନ୍ତ ନିୟମିତ ଭାବରେ ହାଲୁକା ଜଳ ସେଚନ କରନ୍ତୁ । ଏହା କରିବା ଦ୍ୱାରା ବିହନ ଠିକ ଭାବ ରେ ଗଜା ହୋଇ ଭଲ ବଢିଥାଏ ଏବଂ ଗଛ ସଂଖ୍ୟା ଠିକ ରହିଥାଏ । ଖରା ଦିନେ ମାଟିର ବତର ହିସାବ ରେ ୭-୧୦ ଦିନ ଅନ୍ତର ରେ ଜଳ ସେଚନ କରନ୍ତୁ । ବିହନ ଲଗାଇବାର ୪୫-୭୫ ଦିନ ହେଉଛି ଜଳ ସେଚନ ପାଇଁ ସଙ୍କଟ କାଳୀନ ସମୟ ତେଣୁ ମୌସୁମୀ ବର୍ଷା ଆରମ୍ଭ ହେବା ପର୍ଯ୍ୟନ୍ତ ନିୟମିତ ଭାବେ ଜଳ ସେଚନ କରନ୍ତୁ ।

**ରାଶି:**

ବିହନ ବୁଣିବା ସମୟରେ ଏକର ପ୍ରତି ୨ଟନ ସଢା ଗୋବର ଖତ, ୧୦ କିଲୋଗ୍ରାମ ୟୁରିଆ ସାର, ୧୮ କିଲୋଗ୍ରାମ DAP ଓ ୧୩ କିଲୋଗ୍ରାମ ପଟାସ ସାର ସିଆରରେ ପ୍ରୟୋଗ କରନ୍ତୁ । ଗଛ ୧୫-୨୦ ଦିନର ହୋଇଗଲେ ଗଛ ମୂଳକୁ କୋଡଖସା କରି ଘାସ ବାଛି ଦିଅନ୍ତୁ ।

**ଟମାଟୋ ଓ ବାଇଗଣ:**

ଦିନ ବେଳା ତାପମାତ୍ରା ଅଧିକ ରହୁଥିବା ରୁ ଟମାଟୋ ଓ ବାଇଗଣରେ ଝାଉଂଳା ରୋଗ ଦେଖାଦେବାର ସମ୍ଭାବନା ଥିବାରୁ ୧ ଗ୍ରାମ Streptocycline ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଲଙ୍କାମରିଚ:**

ଲଙ୍କାମରିଚ ଫସଲରେ ବର୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି। ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenopyroximate ର ମିଳିତ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପ୍ରାଣୀ ମାନଙ୍କ ଗୃହ ପରିଚାଳନା**

ଅଧିକ ଗରମ କାରଣ ରୁ ପ୍ରାଣୀ ମାନଙ୍କ ଦୁଗ୍ଧ, ମାଂସ ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ଅବସ୍ଥା ରେ ସୁଧାର ନ ଆସିଲେ ପ୍ରାଣୀ ମାନେ ମୃତ୍ୟୁ ବରଣ ମଧ କରିପାରନ୍ତି । ଦିନବେଳା ଖରା ଅଧିକା ହେଲେ ପ୍ରାଣୀ ମାନଙ୍କୁ ଗୁହାଳ ରୁ କାଢି ଛାଇ ଜାଗାରେ ବାନ୍ଧିବା ଉଚିତ। ଗୁହାଳ ର ଛପର ଟିଣ ବା ଆଯବେଶଟୋସ ର ହୋଇଥିଲେ ତା ଉପରେ ଛଣ ବା ନଡିଆ ବାହୁଙ୍ଗା ପକାଇ ରଖନ୍ତୁ ଓ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ଜୋର ରେ ଖରା ହେଉଥିଲେ ଗୁହାଳର ଖୋଲା ଥିବା ଜାଗା ଗୁଡିକ ରେ ଓଦା ଅଖା ଟଙ୍ଗାଇ ରଖନ୍ତୁ ଓ ଛାଇ ହୋଇଗଲେ ଅଖା ଖୋଲି ଦିଅନ୍ତୁ । କାନ୍ଥ ଓ ଛାତ ଉପରେ ଧଳା ରଙ୍ଗର ଚୂନର ଲେପନ ଦିଅନ୍ତୁ । ଅଧିକ ଉତ୍ପାଦନ କ୍ଷମ ପ୍ରାଣୀ ରଖିଥିଲେ ପଙ୍ଖା, ପାଣି ଛିଞ୍ଚିବା ଜନ୍ତ୍ର ଓ ଅନ୍ୟ ତାପମାତ୍ରା କମାଇ ପାରୁଥିବା ଉପକରଣ ଲଗାଇବା ର ବ୍ୟବସ୍ଥା କରାଯିବା ଦରକାର। ଅଂଶୁଘାତ ରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ, ମୁଣ୍ଡ ରେ ବରଫ ଘସନ୍ତୁ, ଓଦା କପଡା ବା ଅଖା ରଖନ୍ତୁ ।

**କୁକୁଡା ଓ ବତକ ମାନଙ୍କ ଗୃହ ପରିଚାଳନା**

ଖରା ଦାଉରୁ କୁକୁଡା ଓ ବତକ ମାନଙ୍କ ମାଂସ, ଅଣ୍ଡା ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁ ବରଣ କରିଥାନ୍ତି । ଖରା ଦାଉ ରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲା ବେଳେ ଧ୍ୟାନ ଦେବେ ଯେପରି ଘର ଭିତର କୁ ସିଧା ଖରା ପଡୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ,ଘର ର ଛପର ଉଚ୍ଚା ଓ ପାର୍ଶ୍ୱ କାନ୍ଥ ନିଚା ଥିବା ଛପର ଉପରେ କଖାରୁ ଭଳି ଲତା ଜାତୀୟ ଗଛ ମଡାନ୍ତୁ ଓ ଦିନ ବେଳା ପାଣି ଛିଞ୍ଚନ୍ତୁ। କୁକୁଡା ଓ ବତକ ମାନଙ୍କ ଉପରେ ପାଣି ସିଞ୍ଚନ କରନ୍ତୁ କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶି ଓଦା ନ ହୁଏ। ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗୀ ଦେଲେ ଘର ଥଣ୍ଡା ରହିଥାଏ। ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନ ବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ। ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଅଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**